## ଖୋଲିବ ଫ୍ଲାଏଓଭର, ୧୦ ଦିନ ଦୁଇଚକିଆ ଯାନ ପାଇଁ ଅନୁମତି

ରାୟଗଡ଼ା,୧୮ ।୩(ଆଶିଷ ରଞ୍ଜନ ପଣ୍ଡା)

ମରାମତି ଶେଷ ହେବା ପରେ ଗୁରୁବାର ରାୟଗଡ଼ା ସହରର ଲାଇଫ ଲାଇନ୍ ଫ୍ଲାଏଓଭର ଖୋଲିବ। ଦୀର୍ଘ ୪୦ ଦିନ ଧରି ବନ୍ଦ ରହିବା ପରେ ଗୁରୁବାର ସକାଳ ୭ଟାରେ ଖୋଲିବା ନେଇ ସୂଚନା ଦେଇଛନ୍ତି ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି। ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ କେବଳ ଦୁଇଚକିଆ ଯାନ ଫ୍ଲାଏଓଭର ଉପରେ ଚଳାଚଳ କରିବ। ଏପ୍ରିଲ ୧ରୁ ସମସ୍ତ ଯାନବାହନ ଚଳାଚଳ ପାଇଁ ଅନୁମତି ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଏ ନେଇ ଗୁରୁବାର ନିଜ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଜାନୁୟାରୀ ୧୦ରୁ ମରାମତି ପାଇଁ ଫ୍ଲାଏଓଭର ବନ୍ଦ ରହିଥିଲା। ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଯାହା ବଳକା କାମ ରହିଛି ତାହା ରାତିରେ କରାଯିବ। ଆଉ ଗୋଟିଏ ସ୍ତର ପିଚୁ ପଡିବ। ବଳକା ସମସ୍ତ କାର୍ଯ୍ୟ ସମାପ୍ତ ହୋଇଛି। ଫ୍ଲାଏଓଭର ବିଭିନ୍ନ ସ୍ଥାନରେ ଯେଉଁ ଗଛ ରହିଛି ତାହା ମଧ୍ୟ ବାହାର କରି ସଫା କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ଏହାଦ୍ୱାରା ଯେଉଁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା ତାହା ଦୂର ହୋଇଯିବ ବୋଲି ସହରବାସୀ କହିଛନ୍ତି।

# ହତ୍ୟା ସନ୍ଦେହରେ ଉତ୍ତେଜନା, ରାସ୍ତା ଅବରୋଧ



ଥାନା ସମ୍ମୁଖରେ ରାଜରାସ୍ତା ଅବରୋଧ କରାଯାଇଛି।

## ୨୧ ଦିନର ସଂଘର୍ଷ ପରେ ବ୍ୟବସାୟୀ ଟୁଟୁ ସାବତଙ୍କ ମୃତ୍ୟୁ

ରାୟଗଡ଼ା,୧୮ ।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଅମ୍ବାଦଳା ଅଞ୍ଚଳରେ ଘଟିଥିବା ରହସ୍ୟମୟ ଘଟଣାରେ ଗୁରୁତର ଆହତ ଯୁବ ବ୍ୟବସାୟୀ ଟୁଟୁ ସାବତ ବୁଧବାର ମୃତ୍ୟୁବରଣ କରିଛନ୍ତି। ଘଟଣା ପରେ ୨୧ ଦିନ ଧରି କୋମାରେ ରହି ଜୀବନ ସହ ଯୁଦ୍ଧ କରୁଥିବା ଟୁଟୁଙ୍କ ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ଦାବିରେ ସ୍ଥାନୀୟ ଲୋକ ଓ ପରିବାର ଲୋକ ରାସ୍ତାକୁ ଓହ୍ଲାଇଥିଲେ। ଥାନା ସମ୍ମୁଖରେ ରାଜରାସ୍ତା ଅବରୋଧ କରି ପ୍ରତିବାଦ କରାଯାଇଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା। ପୋଲିସ ବୁଝାଶୁଝା କରିବା ପରେ ପ୍ରତିବାଦକାରୀମାନେ ରାସ୍ତା ଅବରୋଧରୁ ଉଠିଥିଲେ।

ଫେବୃଆରୀ ୨୫ ତାରିଖରେ ଅମ୍ବାଦଳାରେ ଘଟିଥିବା ଏହି ଘଟଣାକୁ ପ୍ରଥମେ ସଡକ ଦୁର୍ଘଟଣା ବୋଲି ଧରାଯାଇଥିଲା। କିନ୍ତୁ ପରେ ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ଉଠିଥିବା ବେଳେ, ପରିବାର ଲୋକ ଏହାକୁ ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରୁଛନ୍ତି। ଘଟଣାକୁ ୨୨ ଦିନ ବିତିଥିଲେ ମଧ୍ୟ ପୋଲିସ ହାତରେ କୌଣସି ଠୋସ ସୁରାଗ ନ ଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଅଞ୍ଚଳରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ଭାଜପା ପ୍ରତିନିଧି ଦଳ

### ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ପଦବୀ ପୂରଣ ଦାବି

ଗୁଣପୁର,୧୮ ।୩( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ଭାଜପା ନେତା ତଥା ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବୁଧବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ପାଇଁ ୩ଟି ବିଶେଷଜ୍ଞ ଡାକ୍ତର ପଦବୀ ଯଥା ଭେଷଜ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ ଏବଂ ଚେତାଶୂନ୍ୟତା ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ନିମନ୍ତେ ସେମାନେ ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ତ୍ରିନାଥ ଗମାଙ୍ଗଙ୍କ ସମେତ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ତଥା ଗୁଣପୁର ନଗର ମଣ୍ଡଳର ପ୍ରଭାରୀ ରାମଚନ୍ଦ୍ର ବେହେରା, ପୂର୍ବତନ ଜିଲା ଉପସଭାପତି ଉଦୟନାଥ ପାଢ଼ୀ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ହରେକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷଜ୍ଞ ଡାକ୍ତର ନ ଥିବା ଦ୍ୱାରା ରୋଗୀ ସେବା ପ୍ରଭାବିତ ହେବା ସହ ଗୁଣପୁର ଅଞ୍ଚଳବାସୀ ଅନ୍ୟ ସ୍ଥାନକୁ ଯାଇ ଅଧିକା ଖର୍ଚ୍ଚାନ୍ତର ଶିକାର ହେବାକୁ ପଡୁଛି । ଏହା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ବିଶେଷଜ୍ଞ ପଦବୀ ପୂରଣ ପାଇଁ ଦାବି ଜଣାଇଥିଲେ ।


ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଦାବିପତ୍ର ଗ୍ରହଣ କରୁଛନ୍ତି।

## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ


କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରମାନେ।

ଗୁଣପୁର, ୧୮ ।୩(ସଂକେତ ପାତ୍ର)

ଗୁଣପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ବ୍ଲକ ତଥା ମଣ୍ଡଳସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମାନନ୍ଦ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି ପଦକ୍ଷେପର ମହତ୍ୱ ବିଷୟରେ ଅଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ରାୟଗଡ଼ା ଜିଲା କ୍ରୀଡ଼ା ଅଧିକାରୀ ଶେଖ ଅଲେନୁର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ଛାତ୍ରାବାସରେ ରହି କ୍ରୀଡା ଅଭ୍ୟାସ କରିବା ସହ ପାଠପଢ଼ିବାକୁ ପରାମର୍ଶ ଦେଇଥିଲେ। ଏହି ଚୟନ ପ୍ରକ୍ରିୟାରେ ଗୁଣପୁର ବ୍ଲକ ଓ ମ୍ୟୁନିସିପାଲିଟି ସହ ପଦ୍ମପୁର, ରାମନାଗୁଡା, ଗୁଡାରି ବ୍ଲକ ଓ ବିଭିନ୍ନ ଏନଏସି ଅଧୀନସ୍ଥ ବିଦ୍ୟାଳୟରୁ ମୋଟ ୪୭ ଜଣ ଛାତ୍ରୀଛାତ୍ରୀ ଓ ୧୫ ଜଣ ଶିକ୍ଷକ ଯୋଗଦେଇଥିଲେ। ବୁଧବାର ପ୍ରଥମ ଦିନରେ ଆଥଲେଟିକ୍ସ ପାଇଁ ଚୟନ କରାଯାଇଥିବା ବେଳେ ଆସନ୍ତା ୨୨ରେ ଖୋଖୋ ଓ ୨୫ ତାରିଖରେ ଭଲିବଲ ପାଇଁ ଚୟନ ପ୍ରକ୍ରିୟା ଆୟୋଜିତ ହେବ। ଉକ୍ତ କାର୍ଯ୍ୟକ୍ରମକୁ ଗୌତମ ମାଦେଳି, ରମାକାନ୍ତ ମିଶ୍ର, ଧର୍ମେନ୍ଦ୍ର କାଦମ୍ବାଲୁ, ପ୍ରୀତିସ୍ୱଦା ରାଉତରାୟ, ଗଣେଶ ଚନ୍ଦ୍ର ମହାପାତ୍ର, ଭାରଦ୍ୱାଜ ଲିମା ଓ ଅନ୍ୟାନ୍ୟ ଶାରୀରିକ ଶିକ୍ଷା ଶିକ୍ଷକମାନେ ପରିଚାଳନା କରିଥିଲେ।

## ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ କରିବାକୁ ନିବେଦନ

ରାୟଗଡ଼ା,୧୮ ।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌର ପରିଷଦ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଗୁରୁବାର ସହରରେ ଏକ ବ୍ୟାପକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ସ୍ଥାନୀୟ ଜ୍ୟୋତି ମହଲ ଛକଠାରୁ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ କପିଳାସ ଛକଠାରେ ଶେଷ ହୋଇଥିଲା। ପର୍ଯ୍ୟାୟକ୍ରମେ ରାୟଗଡା ସହରର ସମସ୍ତ ୱାର୍ଡ ଏବଂ ଛକରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ । ଅଭିଯାନ ସମୟରେ ବିଭିନ୍ନ ଘର ଏବଂ ଦୋକାନୀଙ୍କୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ (ଥରେ ବ୍ୟବହୃତ ପ୍ଲାଷ୍ଟିକ୍)ର ଅପକାରିତା ଏବଂ ଏହାର ନିଷେଧାଦେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ଏଥିସହ ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ୍ ପଲିଥିନ, ପ୍ଲାଷ୍ଟିକ୍ ପତାକା, ଚକୋଲେଟ ଷ୍ଟିକ୍, ପ୍ଲାଷ୍ଟିକ୍ ପ୍ଲେଟ୍, କପ୍, ଗ୍ଲାସ୍, ଚାମଚ, ଷ୍ଟ୍ର ଏବଂ ଟ୍ରେ ଆଦି ବ୍ୟବହାର ନ କରିବାକୁ ଅନୁରୋଧ କରାଯାଇଥିଲା।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ଯୁବତୀ।

ସଚେତନତା ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପରିଚାଳକ, ପୌର ପରିଷଦର ପୌରାଧକ୍ଷ ପି. ମହେଶ ପଟ୍ଟନାୟକ , କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲଦୀପ କୁମାର, ସମ୍ପୃକ୍ତ ୱାର୍ଡ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ଯନ୍ତ୍ରୀ, ପରିମଳ ନିରୀକ୍ଷକ ଏବଂ ପୌର ପରିଷଦର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାୟଗଡ଼ା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଲଦୀପ ସାଧାରଣ ଜନତାଙ୍କୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବର୍ଜନ କରିବାକୁ ଅନୁରୋଧ କରିଥିଲେ। ସେହିପରି ପୌରାଧକ୍ଷ ପଟ୍ଟନାୟକ ସମସ୍ତ ଗୃହମାଲିକ ଓ ବ୍ୟବସାୟୀଙ୍କୁ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ନ ରଖିବା ପାଇଁ ସତର୍କ କରାଇବା ସହିତ ଏହାର ଅବମାନନା କଲେ ଆଇନ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ସହରକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଛି।

## ବିଷ ପିଇ ଭିନ୍ନକ୍ଷମ ଯୁବତୀ ଗୁରୁତର

ପଦ୍ମପୁର,୧୮ ।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ନାଇରା ଗ୍ରାମରେ ଜଣେ ଭିନ୍ନକ୍ଷମ ଯୁବତୀ ବିଷପାନକରି ଗୁରୁତର ହୋଇଛନ୍ତି। ଗ୍ରାମର ତୁଳସୀ ଅଧିକାରୀଙ୍କ ଝିଅ ମାମିନୀ ଅଧିକାରୀ (୧୯) ଜନ୍ମରୁ ମାନସିକ ଭିନ୍ନକ୍ଷମ। ସେ ମଙ୍ଗଳବାର ନାଇରା ପଞ୍ଚାୟତ କାର୍ଯ୍ୟାଳୟରୁ ୧ ହଜାର ଭତ୍ତା ଟଙ୍କା ନେଇ ଘରକୁ ଆସିଥିଲେ । ହେଲେ ବୁଧବାର ତାଙ୍କ ମା' ତୁଳସାଙ୍କୁ ସେ ୫ଶହ ଟଙ୍କା ଦେବାରୁ ଆଉ ୫ଶହ କୁଆଡ଼େ ଗଲା ବୋଲି ପଚାରିଥିଲେ। ଏଥିରେ ଯୁବତୀ ଜଣକ ଉତ୍‌କ୍ଷିପ୍ତ ହୋଇ ବିଲରେ ପକାଇବାକୁ ରଖାଯାଇଥିବା କପା କୀଟନାଶକ ପିଇ ଦେଇଥିବା ମା' କହିଛନ୍ତି। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ମଧୁମିତା ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## କୋଲନରାରୁ ପୁରୀ ଗଲେ ୧୧୧ ଯାତ୍ରୀ

କୋଲନରା,୧୮ ।୩(ପୃଥ୍ୱୀରାଜ ମହାନ୍ତି)

ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅନ୍ତର୍ଗତ ରାୟଗଡ଼ା ଜିଲା କୋଲନାରା ବ୍ଲକରୁ ୧୧୧ ଜଣ ଯାତ୍ରୀ ଏବଂ ୯ ଜଣ ଏସକର୍ଟ ଅଧିକାରୀଙ୍କ ସହ ଶ୍ରୀକ୍ଷେତ୍ର ପୁରୀ ଯାତ୍ରା ପାଇଁ ମଙ୍ଗଳବାର ବାହାରିଛନ୍ତି। କୋଲନରା ବସ୍‌ଷ୍ଟାଣ୍ଡରୁ ୩ଟି ବସ୍ ମାଧ୍ୟମରେ ଏହି ଯାତ୍ରାର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, କୋଲନରା ବିଡିଓ ରୀନା ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା କୁଲେସିକା ଓ ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରୀୟା ଉପସ୍ଥିତ ରହି ଯାତ୍ରୀଙ୍କୁ ଫୁଲ ଓ ଶୁଭେଚ୍ଛା ଜଣାଇଥିଲେ। ସମସ୍ତ ଯାତ୍ରୀଙ୍କ ପାଇଁ ଯାତାୟାତ, ଖାଦ୍ୟ, ରହଣି ଓ ଚିକିତ୍ସା ସହିତ ଆବଶ୍ୟକ ସୁବିଧା ସରକାର ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ଯାତ୍ରା ସମୟରେ ସମ୍ପୂର୍ଣ୍ଣ ନିରାପତ୍ତା ଓ ନିରୀକ୍ଷଣ ପାଇଁ ଏସକର୍ଟ ଅଧିକାରୀମାନେ ନିଯୁକ୍ତ ହୋଇଛନ୍ତି । ଏହି ଯୋଜନା ମାଧ୍ୟମରେ ଆର୍ଥିକ ଭାବେ ଦୁର୍ବଳ ଶ୍ରେଣୀର ଲୋକମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାର ସୁଯୋଗ ପାଉଛନ୍ତି।


ଅଧିକାରୀ ଜଣେ ଯାତ୍ରୀଙ୍କୁ ବ୍ୟାଗ ପ୍ରଦାନ କରୁଛନ୍ତି।

## ବଜ୍ରପାତରେ ୪ ଗୋରୁ ମୃତ

ଟିକିରି,୧୮ ।୩ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅଞ୍ଚଳରେ ବୁଧବାର ସକାଳେରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହୋଇଥିଲା। ବର୍ଷା ସମୟରେ ସେମିଳିଗୁଡା ଗ୍ରାମର ତଳ ମସାଣି ପଦା ପାଖରେ ଥିବା ଏକ ପଣସ ଗଛ ତଳେ ଗୋରୁମାନେ ଆଶ୍ରୟ ନେଇଥିବାବେଳେ ବଜ୍ରପାତ ହେବାରୁ ୪ ଗୋରୁଙ୍କ ମୃତ୍ୟୁ ଘଟିଛି। ମୃତ ଗୋରୁ ମାଲିକ ହେଲେ ରେଙ୍ଗା ପଞ୍ଚାୟତ ସେମିଲିଗୁଡା ଗ୍ରାମର ବାତ୍ରୀ ମାଝୀ, କୁମଦ ଚନ୍ଦ୍ର ମାଝୀ, ଲିଙ୍ଗନା ମାଝୀ ଓ ମାଲକୀ ମାଝୀ। ଗୋରୁ ହରାଇଥିବା ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପର୍ଯ୍ୟଟକଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ରାୟଗଡ଼ା,୧୮ ।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଅତିରିକ୍ତ ଜିଲା ଓ ଦୌରାଜଜ୍ ଅଜ୍ଞନା ସ୍ୱାଇଁ ବୁଧବାର ଜଣେ ମହିଳା ପର୍ଯ୍ୟଟକଙ୍କୁ ବଳାତ୍କାର କରାଯିବା ମାମଲାର ଶୁଣାଣିକରି ଅଭିଯୁକ୍ତ ଦୀପକ ନାଏକଙ୍କୁ ୧୦ ବର୍ଷ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୧୨୦ ଦିନ ମଧ୍ୟରେ ଏହି ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ହେବା ଏକ ଉଦାହରଣ ବୋଲି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ କୁହାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ନଭେମ୍ବର ୧୮ରେ ବଳାତ୍କାର ଶିକାର ହୋଇଥିବା ମହିଳା ଏବଂ ତାଙ୍କ ସ୍ୱାମୀ କୋରାପୁଟକୁ ଫେରିବା ପାଇଁ ରାୟଗଡା ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଅଭିଯୁକ୍ତ ଦୀପକ ଉଭୟଙ୍କୁ ନିଜ ଘରେ ରହିବାର ବ୍ୟବସ୍ଥା କରିବା ବାହାନାରେ ରୟତ କଲୋନିକୁ ନେଇଥିଲେ। ପରେ ଏକୁଟିଆ ପାଇ ପୀଡିତାଙ୍କୁ ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପୀଡିତା ରାୟଗଡ଼ା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା। ସରକାରୀ ଓକିଲ ରାମ ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

## ଅସହାୟ ବୃଦ୍ଧାଙ୍କୁ ମେଡିକାଲ ନେଇ ଜୀବନ ବଞ୍ଚାଇଲେ ଗ୍ରାମବାସୀ

ପଦ୍ମପୁର,୧୮ ।୩ (ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଡିବିରିସିଙ୍ଗ ଗ୍ରାମର ଯୁବଗୋଷ୍ଠୀଙ୍କ ଉଦ୍ୟମ ଯୋଗୁ ଜଣେ ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚିଯାଇଥିବା ଆଲୋଚନା ହେଉଛି। ଦୀର୍ଘ ୧ମାସ ତଳେ ଡିବିରିସିଙ୍ଗ ଗ୍ରାମରେ ଅସହାୟ ଅବସ୍ଥାରେ ରହିଥିବା ବୃଦ୍ଧ ଦମ୍ପତି ଶ୍ରୀନିବାସ ପାତିକା (୮୫ )ଙ୍କ ମେରୁ ହାଡ଼ ସମସ୍ୟା ଯୋଗୁ ସେ ଠିକ୍ ଭାବେ ଚାଲିପାରୁନାହାନ୍ତି । ସେହିପରି ତାଙ୍କ ସ୍ତ୍ରୀ କୁମାରୀ ପାତିକାଙ୍କ (୭୮) ଆଖିକୁ ଦିଶୁ ନ ଥିବା ବେଳେ କାନକୁ ମଧ୍ୟ ଠିକ୍ ଭାବେ ଶୁଭୁନାହିଁ । ସେମାନଙ୍କ ପୁଅଝିଅ କି ପରିବାର ଲୋକେ କେହି ନ ଥିବାରୁ ବହୁ କଷ୍ଟରେ ସେମାନେ ଚଳୁଛନ୍ତି। ହଠାତ୍ ଘରର ଏରୁଣ୍ଡିବନ୍ଧ କବାଟ ବାଜି ବୃଦ୍ଧାଙ୍କ ବାମ ଗୋଡ଼ ଆଙ୍ଗୁଠି କଟି ଯାଇଥିଲା। ତେବେ କୌଣସି ଉପାୟ ନ ପାଇ ସେ ଏକ କପଡ଼ାରେ ଗୋଡ଼ ଆଙ୍ଗୁଳିକୁ ଗୁଡ଼ାଇ ଦେଇଥିବା ବେଳେ କୌଣସି ଔଷଧ ନ ଖାଇବା ଦ୍ୱାରା ଗୋଡ଼ଟି ସମ୍ପୂର୍ଣ୍ଣ ଦୀର୍ଘ ୧ମାସ ଧରି ପଚିଶଢ଼ି ଯିବା ସହ ପୋକ ସାଲୁବାଲୁ ଅବସ୍ଥାରେ ଘରେ ପଡ଼ିରହିଥିଲେ। ବୃଦ୍ଧାଙ୍କ କାନ୍ଦ ଶୁଣି ଗ୍ରାମର କେତେଜଣ ଯୁବକ ତାଙ୍କ ଘର ଭିତରକୁ ଯାଇ ଦେଖିବା ପରେ ତଳେ ପୋକ ସାଲୁବାଲୁ ଅବସ୍ଥାରେ ବୃଦ୍ଧା ଜଣକ ଛଟପଟ ହେଉଥିଲେ। ପରସ୍ପର ଭିତରେ କିଛି ଟଙ୍କା ଆଦାୟକରି ମଙ୍ଗଳବାର ବୃଦ୍ଧାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପଦ୍ମପୁରରେ ପ୍ରାଥମିକ ଚିକିତ୍ସା ପରେ ଉଚ୍ଚ ଚିକିତ୍ସା ପାଇଁ ତାଙ୍କୁ ରାୟଗଡ଼ା ସ୍ଥାନାନ୍ତର କରାଯାଇଛି। ଗ୍ରାମର ସିଫେନ୍ସନ କାଡରକା, ପ୍ରିୟରଞ୍ଜନ ବେନିଆ, ବିନେଶ ପାତିକା, ନିମଳା ଲିମାଙ୍କ ସହ ଅନ୍ୟମାନଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ତେବେ ବୃଦ୍ଧଦମ୍ପତି ୧ହଜାର ଟଙ୍କା ଲେଖାଏ ଭତ୍ତା ପାଉଥିଲେ ମଧ୍ୟ ଟଙ୍କା ଆଣିବାକୁ ସକ୍ଷମ ନୁହନ୍ତି ବୋଲି ବୃଦ୍ଧ ଶ୍ରୀନିବାସ ପାତିକା କହିଛନ୍ତି।


ଅସହାୟ ଦମ୍ପତି।

## ଜଙ୍ଗଲ ନିଆଁ ପ୍ରତିରୋଧ କ୍ଷେତ୍ରରେ ପଞ୍ଚାୟତିରାଜ ପ୍ରତିନିଧିଙ୍କ ସହଯୋଗ ଜରୁରୀ

### ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ମୁନିଗୁଡ଼ା,୧୮ ।୩ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ଫରେଷ୍ଟ ରେଞ୍ଜର କାର୍ଯ୍ୟାଳୟ ସଭାଗୃହ ପରିସରରେ ଜଙ୍ଗଲ ନିଆଁ ପ୍ରତିରୋଧ କ୍ଷେତ୍ରରେ ପଞ୍ଚାୟତିରାଜ ପ୍ରତିନିଧିଙ୍କ ସହଯୋଗଭିତ୍ତିକ ଏକ ସଚେତନତା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡା ରେଞ୍ଜର ପ୍ରବୀଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାରତୀୟ ବନ ସେବା (ଆଇଏଫଏସ) ପୂଜା ମୀନା, ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ବ୍ଲକ ଆକାଉଣ୍ଟ ଅଫିସର ମହେଶ୍ୱର ପାଲକା ପାଲକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରର ଶୁଭାରମ୍ଭ କରିଥିଲେ। ଅତିଥିମାନେ ଜଙ୍ଗଲ ନିଆଁ ନିୟନ୍ତ୍ରଣ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଦିଗରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ କର୍ମଚାରୀଙ୍କୁ ଗ୍ରାମସ୍ତରରେ ଗ୍ରାମବାସୀଙ୍କର କିପରି ସହଯୋଗ ବୃଦ୍ଧିପାଇବ ସେଥିପାଇଁ ଯତ୍ନବାନ ହେବାକୁ ନିବେଦନ କରିଥିଲେ। ଏହି ଅବସରରେ ବନାଞ୍ଚଳ ତରଫରୁ ମୁନିଗୁଡ଼ା, ଚନ୍ଦ୍ରପୁର ଏବଂ ବିଷମକଟକ ଅଞ୍ଚଳରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ତଥା ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ବୃତ୍ତଚିତ୍ର ଗଜାନନ ନମସ୍କାର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାଜପା ନେତା ଜଗନ୍ନାଥ ନୁଣ୍ଡୁକା, ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର, ପାତ୍ରଗୁଡା ସରପଞ୍ଚ ଅନନ୍ତ ନୁଣ୍ଡୁକା, ତେଲେଙ୍ଗାପଦର ସରପଞ୍ଚ ଉପେନ୍ଦ୍ର ସିକକାଙ୍କ ସମେତ ୩ ବ୍ଲକରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟମାନେ ପଲ୍ଲିସଭା,ମାସିକ ପଞ୍ଚାୟତ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ସହ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ବିଭାଗ ତରଫରୁ ପ୍ରୋତ୍ସାହିତ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ମୁନିଗୁଡା ଫରେଷ୍ଟର ପ୍ରମୋଦିନି ମାଣ୍ଡିଙ୍ଗି, ରୋନିତ ମହାରଣା, ଅମ୍ବାଦଳା ଫରେଷ୍ଟର ମାଝୀ ମହାପାତ୍ର, ଅଶ୍ୱିନୀ କରକରିଆ, ସୁଜାତା ସୁନାମୁଦୀ,ଅହଲ୍ୟା ପାତ୍ର,ସହଭାଗି ସଂଗଠନ ଟିମ ଲିଡର ବିଘ୍ନରାଜ ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।



ବନ ଅଧିକାରୀ ଲୋକଙ୍କୁ ସଚେତନ କରୁଛନ୍ତି।

## ଜଙ୍ଗଲରେ ନିଆଁ, ବହୁ ଗଛ ନଷ୍ଟ

ଗୁଣପୁର, ୧୮ ।୩(ସଂକେତ ପାତ୍ର)

ରାୟଗଡା ଜିଲାର ଗୁଣପୁର ବନବିଭାଗ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ରୋକିବାକୁ ନେଇ ଲୋକଙ୍କୁ ସଚେତନ କରାଯାଉଛି। ଏହି ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଗୁଣପୁର ବ୍ଲକ ଅଧୀନସ୍ଥ ପେଗାନପୁର ଗ୍ରାମରେ ଜଙ୍ଗଲ ପୋଡ଼ାଯାଉଥିବା ଘଟଣା ସମ୍ମୁଖକୁ ଆସିଛି। ପାହାଡ଼ ତଳୁ ଓ ଉପର ଅଞ୍ଚଳରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ହେଲେ ବନ ବିଭାଗ ପକ୍ଷରୁ ଯଥାଚିତ୍ ପଦକ୍ଷେପ ନିଆଯାଉ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ନିଆଁର ପ୍ରକୋପରେ ମୂଲ୍ୟବାନ ଗଛ ନଷ୍ଟ ହେବା ସହ ଅନେକ ଜୀବଜନ୍ତୁଙ୍କ ମୃତ୍ୟୁ ଘଟୁଥିବାରୁ ପରିବେଶ ଉପରେ ଗଭୀର ପ୍ରଭାବ ପଡୁଛି। ଏପରି ପରିସ୍ଥିତିରେ କେବଳ କାଗଜ–କଲମରେ ସଚେତନତା ସୀମିତ ନ ରହ ତୃଣମୂଳସ୍ତରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଦାବି ଉଠିଛି। ଏ ସମ୍ପର୍କରେ ଗୁଣପୁର ଫରେଷ୍ଟ ରେଞ୍ଜର ଗଙ୍ଗାଧର ମିଶ୍ରଙ୍କୁ ପଚାରିବାରୁ ତାଙ୍କ ଦାୟିତ୍ୱ ଅନୁଯାୟୀ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ଓ ଲୋକଙ୍କୁ ସବୁବେଳେ ବୁଝାଯାଉଛି। କିନ୍ତୁ ଲୋକମାନେ ନ ଶୁଣିଲେ ବନ ବିଭାଗ କଣ କରିପାରିବ, ଲୋକମାନେ ନିଜେ ସଚେତନ ହେବା ଆବଶ୍ୟକ। ତଥାପି ଜଙ୍ଗଲକୁ ନ ପୋଡ଼ିବା ପାଇଁ ସମସ୍ତଙ୍କୁ ସର୍ବଦା ବୁଝାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଅସମ୍ପୂର୍ଣ୍ଣ ଶୌଚାଳୟ ଗାତରେ ପଡ଼ିଥିବା ଷଣ୍ଢ ଉଦ୍ଧାର

ନନ୍ଦପୁର, ୧୮ ।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ସଦର ମହକୁମା ବଡ଼ସାନ ସାହିରେ ଏକ ବ୍ୟକ୍ତିଗତ ଅସମ୍ପୂର୍ଣ୍ଣ ଶୌଚାଳୟ ଗାତରେ ମଙ୍ଗଳବାର ରାତିରୁ ପଡ଼ି ଛଟପଟ ହେଉଥିବା ଷଣ୍ଢକୁ ବୁଧବାର ନନ୍ଦପୁର ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ନନ୍ଦପୁର ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଦଳ ପହଞ୍ଚି ଷଣ୍ଢର ଚିକିତ୍ସା କରିଥିଲେ। ସୂଚନାନୁଯାୟୀ, ବାବୁଲି ପାତ୍ର ନାମକ ଜଣେ ବ୍ୟକ୍ତି ନିଜ ବାଡ଼ରେ ଶୌଚାଳୟ ଟାଙ୍କି ନିର୍ମାଣ ନିମନ୍ତେ ଗାତ ଖୋଳି ନନ୍ଦ ପକାଇ ଖୋଲା ଛାଡ଼ି ଦେଇଥିଲେ। ଯେଉଁଥିରେ ଷଣ୍ଢଟି ପଡ଼ି ଯାଇଥିଲା। ବୁଧବାର ସକାଳୁ ଲୋକେ ତାହା ଦେଖି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ଏଏସ୍ଓ ହେମନ୍ତ ସାମଲଙ୍କ ନେତୃତ୍ୱାଧୀନ ଦଳ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିଥିଲେ। ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ପାଇଁ ଗାତ ଖୋଳି ଖୋଲାରେ ନ ଛାଡ଼ିବାକୁ ଅଗ୍ନିଶମ ବାହିନୀ ଓ ପ୍ରାଣୀ ଚିକିତ୍ସକ ଦଳ ପରାମର୍ଶ ଦେଇଛନ୍ତି।

### ଦେଶୀ ମଦ ଚାଲାଣବେଳେ ଚଢ଼ାଉ, ୩ ଗିରଫ

ଜୟପୁର, ୧୮ ।୩(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ବୁଧବାର ଚଢ଼ାଉ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖଇରମୁଣ୍ଡି ଗ୍ରାମର ଧନପତି ଗଣ୍ଡ ଓ କଙ୍ଗାର ଗୋବିନ୍ଦ ଅମାନତ୍ୟ। ସୂଚନାନୁଯାୟୀ ଦେଶି ମଦ ଚାଲାଣ ଖବରପାଇ ଜୟପୁର ଅବକାରୀ ଥାନା କର୍ମଚାରୀ ଖଇରମୁଣ୍ଡି ଓ କଙ୍ଗା ରାସ୍ତାରେ ଚଢ଼ାଉ କରିଥିଲେ। ସେଠାରୁ ୧୭ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କେଶୋରୀ ହିରନ ସୂଚନା ଦେଇଛନ୍ତି।

### ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୋଠା ନିର୍ମାଣ ନେଇ ଏନ୍‌ବିସିସି ସହ ଚୁକ୍ତିନାମା

ଜୟପୁର, ୧୮ ।୩(ପବନ ପାଣିଗ୍ରାହୀ)

ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ କୋଠା ନିର୍ମାଣ ନିମନ୍ତେ ବୁଧବାର ଏନବିସିସି ସହ ଚୁକ୍ତିନାମା କରାଯାଇଛି। ପ୍ରଧାମନ୍ତ୍ରୀ ଉଚ୍ଚତର ଶିକ୍ଷାନୁଷ୍ଠାନ ଉଷା ଅଧୀନରେ ଏକାଡେମିକ ବ୍ଲକ ନିମନ୍ତେ ୮.୪ କୋଟି, ସେମିନାର ହଲ ନିମନ୍ତେ ୧.୫ କୋଟି, ବଳିକା କମନ ରୁମ ନିମନ୍ତେ ୦.୫ କୋଟି, ଶୌଚାଳୟ ବ୍ଲକ ଏବଂ ବାଣିଜ୍ୟ ବ୍ଲକ, ଦୋନି ବଙ୍ଗଳା, ପ୍ରଶାସନିକ ବ୍ଲକ ନୂତନ ଏକାଡେମିକ ବ୍ଲକର ମରାମତି ଏବଂ ନବୀକରଣ ପାଇଁ ମୋଟ ୧୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସରକାରୀ କ୍ଷେତ୍ରର ଉଦ୍ୟୋଗ, ପ୍ରୋଜେକ୍ଟ ମନିଟରିଂ ୟୁନିଟ ଏନବିସିସି ଇଣ୍ଡିଆ ଲିମିଟେଡ ସହ ଚୁକ୍ତିନାମା କରାଯାଇଛି। ଏପ୍ରିଲ ମାସରୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି। ଚୁକ୍ତିନାମା ସମୟରେ ଏନବିସିସି କର୍ମକର୍ତ୍ତାଙ୍କ ସହ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନୱାଡିକୁ 'ସକ୍ଷମ'ରେ ସାମିଲ, ଭିତ୍ତିଭୂମି ପ୍ରସ୍ତୁତିକୁ ଗୁରୁତ୍ୱ



ବୈଠକରେ ରାଜ୍ୟ ମହିଳା ଓ ଶିଶୁବିକାଶ ସଚିବ ମୃଣାଳିନୀ ଦର୍ଶୱାଲ, ଜିଲାପାଳ ମନୋଜ ସତ୍ୟବାନ ମହାଜନ ଓ ଅନ୍ୟମାନେ।

କୋରାପୁଟ, ୧୮ ।୩ (ଅମିତାଭ ବେହେରା)

ରାଜ୍ୟ ମହିଳା ଓ ଶିଶୁବିକାଶ ସଚିବ ମୃଣାଳିନୀ ଦର୍ଶୱାଲ ବୁଧବାର ଦିନିକିଆ କୋରାପୁଟ ଜିଲା ଗସ୍ତରେ ଆସିଥିଲେ। ଜିଲାର ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ ସହ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ସକ୍ଷମ କାର୍ଯ୍ୟକ୍ରମରେ ସାମିଲ କରିବା ସହ କେନ୍ଦ୍ରଗୁଡିକରେ ଆବଶ୍ୟକୀୟ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ମହିଳା ଓ ଶିଶୁକାଶ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବର୍ତ୍ତମାନ ସ୍ଥିତି ଓ ଶିଶୁ, ଗର୍ଭବତୀଙ୍କ ପୁଷ୍ଟି ସାଧନ ଉପରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଭାବେ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ପୁଷ୍ଟି ମିଶନ କାର୍ଯ୍ୟକ୍ରମକୁ କିପରି ଅଧିକ ତ୍ୱରାନ୍ୱିତ କରାଯାଇପାରିବ ସେ ନେଇ ଗୁରୁତ୍ୱ ଦେଇଥିଲେ। ଶିଶୁ ଓ ଗର୍ଭବତୀମାନେ ପୃଷ୍ଟିହୀନର ଶିକାର ହେଉଥିଲେ ସେଥିପ୍ରତି ଗୁରୁତ୍ୱ ଦେବା, ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷାର ବିକାଶ ଉପରେ ଜୋର ଦେଇଥିଲେ। ଅଙ୍ଗନୱାଡ଼ି ଗୃହର ନିଜସ୍ୱ ଜମି, ଯେଉଁଠାରେ ଜମି ନାହିଁ ସେଠାରେ ଘରୋଇ ଜମି କ୍ରୟ କରି ଅଙ୍ଗନୱାଡ଼ି କେନ୍ଦ୍ର ନାମରେ କରିବା, କେନ୍ଦ୍ରରେ ବିଦ୍ୟୁତ୍ ଯୋଗାଣ, ଯେଉଁଠାରେ ବିଦ୍ୟୁତ୍ ସମସ୍ୟା ରହିଛି ସେଠାରେ ସୋଲାର ଆଲୋକ ବ୍ୟବସ୍ଥା, ପାଇଖାନା, ପାନୀୟ ଜଳ ଯୋଗାଣ ଆଦି କାମ ତୁରନ୍ତ ଶେଷ କରିବାକୁ ପରାମର୍ଶ ଦେଇଛନ୍ତି। ଦୁର୍ଗମ ଅଞ୍ଚଳରେ ଯାତାୟତ ସମସ୍ୟା ଥିଲେ ଓଡ଼ିଶା ପୁଷ୍ଟି ମିଶନରେ ତୁରନ୍ତ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକ ରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ସମସ୍ତ ସିଡିପିଓମାନେ ଉପସ୍ଥିତ ଥିଲେ।

ବୈଠକ ପରେ ସଚିବ ଶିଶୁ ବିକାଶ ଅଧୀନରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ନିକଟରେ ଚାଲିଥିବା ୱାନ ଷ୍ଟପ ସେଣ୍ଟର (ସଖୀ)ରେ ପହଞ୍ଚି ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ମହିଳାମାନଙ୍କ ପାଇଁ କରାଯାଉଥିବା କାର୍ଯ୍ୟ କୁ ନେଇ ସଚିବ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପରିଦର୍ଶନ ସମୟରେ ଡ ଦର୍ଶୱାଲଙ୍କ ସହ ଜିଲାପାଳ ମହାଜନ, ସଖୀର ମୁଖ୍ୟ ପରିଚାଳିକା ଶର୍ମିଷ୍ଠା ଦାଶ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କେନ୍ଦ୍ରର କାର୍ଯ୍ୟକ୍ରମ ଓ ପୀଡ଼ିତାମାନଙ୍କୁ ଦିଆଯାଉଥିବା ସାମାଜିକ ପରାମର୍ଶ, ଆଇନ ସହାୟତା, ଆଶ୍ରୟ, ଚିକିତ୍ସା ସହାୟତା ସହ ଅନ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ, ପରେ ସଖୀ କେନ୍ଦ୍ରର ବିଭିନ୍ନ କକ୍ଷ ଓ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ଅବସରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ପାଢୀଙ୍କ ସହ ସବିତା ସମାଦାର ପ୍ରମୁଖ ଉପସ୍ଥିତ ଥିଲେ।

# ମରାମତି ହେଲା ବଡ଼ଙ୍ଗ ବିଦ୍ୟାଳୟ ନଳକୂପ

ନନ୍ଦପୁର/ପାଡୁଆ, ୧୮ ।୩
(ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଗୋଲୁର ପଞ୍ଚାୟତ ବଡ଼ଙ୍ଗ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ, ପାନୀୟଜଳ, ସୁରକ୍ଷା ପାଚେରୀ ଓ ଶୌଚାଳୟ ଦୂରବସ୍ଥାରେ ଥିବା ନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ବୁଧବାର ନନ୍ଦପୁର ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଯନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ବିଦ୍ୟାଳୟରେ ଦୀର୍ଘଦିନ ହେବ ଅଚଳ ଥିବା ନଳକୂପ ମରାମତି କରାଯାଇଛି। ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରା ସୂଚନା ଦେଇଛନ୍ତି। ଏହାପରେ ଗ୍ରାମବାସୀ ଖୁସି ବ୍ୟକ୍ତ କରିବା ସହ ସମସ୍ୟାକୁ ଲୋକ ଲୋଚନକୁ ଆଣିଥିବା ଧରିତ୍ରୀ କାଗଜ ଓ ସମାଧାନ କରିବାରେ ସହାୟକ ହୋଇଥିବା କର୍ତ୍ତୃପକ୍ଷଙ୍କୁ ପ୍ରଶଂସା କରିଛନ୍ତି।



ନଳକୂପ ମରାମତି କାମ ଚାଲିଛି।

# ନିର୍ଯାତିତ ହେଉଥିଲେ ନ ଡ଼ରି ଜଣାଇବାକୁ ପରାମର୍ଶ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପଟ୍ଟାଙ୍ଗି, ୧୮ ।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଶିଶୁ ବିକାଶ ପକ୍ଷରୁ ବ୍ଲକସ୍ତରୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବୁଧବାର ଅନୁଷ୍ଠିତ ହୋଇଛି। ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରଭାତି ଶତପଥୀ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ରାଜ୍ୟର ମହିଳାମାନେ କିପରି ସୁରକ୍ଷିତ ରହିବେ ଏହାକୁ ଦୃଷ୍ଟିରେ ରଖି ଜିଲା ସମାଜ କଲ୍ୟାଣ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଥିଲେ। ମହିଳାଙ୍କ ସୁରକ୍ଷା, ବାଲ୍ୟବିବାହ, ଯୌତୁକ ନିର୍ଯାତନା ନିଷେଧ ଆଇନ ଉପରେ ଗ୍ରାମାଞ୍ଚଳ, ବିଭିନ୍ନ ସରକାରୀ, ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ମହିଳାମାନେ ଜାଣିବା ଜରୁରୀ ବୋଲି ରାଜ୍ୟ ମହିଳା କମିଶନ ସଦସ୍ୟା ଶତପଥୀ, ଆଇନ୍ ପରାମର୍ଶଦାତା ରୁପକ୍ ଡୁରୁକ୍, ଆଇଆଇସି ପ୍ରଭାତ ବେହେରା ମତ ଦେଇଥିଲେ। ନିର୍ଯାତିତ ହେଲେ ଭୟ ନକରି ପୋଲିସକୁ ଜଣାଇବାକୁ କହିଥିଲେ। ପୋଲିସ୍ କୌଣସି ସହଯୋଗ ନ କରିଲେ ତା ପାଇଁ ରହିଥିବା ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିହେବ ବୋଲି ବୁଝାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଭାବେ ବ୍ଲକ୍ ଅଧକ୍ଷା କଳ୍ପନା ପାଙ୍ଗି, ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ୍ ଓ ବିଡିଓ ରାମକ୍ରିଷ୍ଣା ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ଶିଶୁ ବିକାଶ ବିଭାଗ ସିଡିପିଓ ବି. ଅର୍ଣ୍ଣପୂର୍ଣ୍ଣା, ସମସ୍ତ ସୁପରଭାଇଜର ପରିଚାଳନା କରିଥିଲେ। ଭାଜପା ଜିଲା ସମ୍ପାଦିକା ସନ୍ତୋଷୀନି ଜେନା, ରଞ୍ଜିତ ପାଣିଗ୍ରାହୀଙ୍କ ସହ ଦଳୀୟ କର୍ମୀମାନେ ରାଜ୍ୟ ମହିଳା କମିଶନ ସଦସ୍ୟାଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ।

# ନାଚ, ଗୀତରେ ବନାଗ୍ନି ଆୟତ୍ତ ବାର୍ତ୍ତା



ସଚେତନତା ବୈଠକରେ ସାମିଲ ହୋଇଥିବା ଜନସାଧାରଣ।

ନନ୍ଦପୁର/ପାଡୁଆ, ୧୮ ।୩
(ତୁଷାର କାନ୍ତ ମହାନ୍ତି/ ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୁଲାରସିଂ ପଞ୍ଚାୟତର ରାନ୍ତା ଗ୍ରାମରେ ବୁଧବାର ବାଲଡ଼ା ବନାଞ୍ଚଳ ପକ୍ଷରୁ ରେଞ୍ଜସ୍ତରୀୟ ବନାଗ୍ନି ସଚେତନତା ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ବୈଠକରେ ରେଞ୍ଜର ଶ୍ରଦ୍ଧେୟ ମନ୍ତ୍ରୀ, ସହକାରୀ ରେଞ୍ଜର ବାଦଲ ମହାନ୍ତି, ପାଡୁଆ, ବାଲଡ଼ା ଓ ନନ୍ଦପୁର ବନପାଳ, ବନରକ୍ଷୀ, ପାଡୁଆ ପୋଲିସ, ଏଏସ୍ଓ ହେମନ୍ତ ସାମଲଙ୍କ ନେତୃତ୍ୱାଧୀନ ନନ୍ଦପୁର ଅଗ୍ନିଶମ ବାହିନୀ, ୧୧ ପଞ୍ଚାୟତର ବନ ସୁରକ୍ଷା ସମିତି ସଦସ୍ୟ, ନିର୍ବାଚିତ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀ କର୍ମକର୍ତ୍ତା ଜନସାଧାରଣଙ୍କୁ ନିଆଁଠାରୁ ଜଙ୍ଗଲ, ଜୀବଜନ୍ତୁ ଓ ମନୁଷ୍ୟଙ୍କୁ ବଞ୍ଚାଇବାର ବିଭିନ୍ନ କଳାକୌଶଳ ପ୍ରଦର୍ଶନ କରିଥିଲେ। ବନ ସୁରକ୍ଷା ସମିତି ସଦସ୍ୟ ନାଚ ଗୀତ ମାଧ୍ୟମରେ ଜଙ୍ଗଲ ଅଗ୍ନି ଆୟତ୍ତ କରିବା ସମ୍ପର୍କରେ ସଚେତନ କରିଥିଲେ। ଜଙ୍ଗଲର ଉପକାରିତା ସମ୍ପର୍କରେ ବୁଝାଇଥିଲେ। ଜଙ୍ଗଲରେ ନିଆଁ ଲଗାଇବାବେଳେ ଯଦି କେହି ବ୍ୟକ୍ତି ଧରା ପଡ଼ନ୍ତି ତା'ହେଲେ ତାଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରାଯିବା ଆଇନ ରହିଛି ବୋଲି କୁହାଯାଇଛି।

## ଆଇପିଏସ୍ ରାମଶାଦ କେ.ବି. ସଦରଥାନା ଅଧିକାରୀ

ଜୟପୁର, ୧୮ ।୩(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନାଧିକାରୀଭାବେ ଆଇପିଏସ ପ୍ରବେଶନାରୀ ରାମଶାଦ କେ.ବି. ଦାୟିତ୍ୱ ଗ୍ରହଣ କରିଛନ୍ତି। ଏସ୍‌ଭିପି ଏନପିଏ ହାଇଦ୍ରାବାଦ ନିର୍ଦ୍ଦେଶାନୁଯାୟୀ ଜୟପୁର ସଦରଥାନା ଅଧିକାରୀ ଭାବେ ୩୦ ମେ ୨୦୨୬ ପର୍ଯ୍ୟନ୍ତ ୧୨ ସପ୍ତାହ ପାଇଁ ଗ୍ରାମୀଣ ପୋଲିସ ଷ୍ଟେସନର ସ୍ୱାଧୀନ ଦାୟିତ୍ୱରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାମଶାଦ କେ.ବି. ଆଇପିଏସ୍‌ଙ୍କୁ ଜୟପୁର ସଦରଥାନାରେ ସ୍ୱାଧୀନ ଦାୟିତ୍ୱରେ ରଖିବା ପରେ ପୂର୍ବରୁ ଥିବା ଜୟପୁର ସଦରଥାନା ଅଧିକାରୀ ସଜିନ୍ଦ୍ର ପ୍ରଧାନଙ୍କୁ ଅସ୍ଥାୟୀ ଭାବରେ ଆଇଆଇସି ପଦରୁ ପ୍ରତ୍ୟାହାର କରାଯାଇଛି। ରାମଶାଦଙ୍କ ଅବଧି ସରିବା ପର୍ଯ୍ୟନ୍ତ ସେ ଅତିରିକ୍ତ ଆଇଆଇସି ଭାବେ ଦାୟିତ୍ୱ ତୁଲାଇବେ।

## ପୋଡ଼ିଯାଇ ଠିକା କର୍ମଚାରୀ ଗୁରୁତର

ସୁନାବେଡ଼ା, ୧୮ ।୩(କୃତିବାସ ପ୍ରଧାନ)

ସୁନାବେଡ଼ା ହାଲ୍ କାରଖାନାରେ ଦୁର୍ଘଟଣା ଘଟି ଜଣେ ଠିକା କର୍ମଚାରୀ ଗୁରୁତର ହୋଇଛନ୍ତି। ହାଲ୍ ଡାକ୍ତରଖାନା ରେକର୍ଡ ଅନୁସାରେ ବୁଧବାର ସକାଳ ପ୍ରାୟ ୧୧ ଟା ବେଳେ ଉପେନ୍ଦ୍ର ପତ୍ରୀ କୌଣସି କାରଣରୁ ପୋଡି ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କର ମୁହଁ, ୨ ହାତ ପୋଡ଼ି ସେ ଗୁରୁତର ଅଛନ୍ତି। ସେଠାରୁ ଡାକ୍ତର ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଉପେନ୍ଦ୍ର କାରଖାନାରେ ଇଲେକ୍ଟ୍ରିସିଆନ ଭାବେ ଠିକାରେ କାମ କରୁଥିଲେ। ଏନେଇ ହାଲ୍ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ସଫା ହେଲା ଆୟୁର୍ବେଦିକ ଚିକିତ୍ସାଳୟ ପରିସର





କୋରାପୁଟ, ୧୮ ।୩(ଅମିତାଭ ବେହେରା)

**ଧରିତ୍ରୀର ପ୍ରଭାବ**

କୋରାପୁଟ ଜିଲାର ପ୍ରଥମ ଆୟୁର୍ବେଦିକ ଚିକିତ୍ସାଳୟ ଅସୁରକ୍ଷିତ ଓ ଅସ୍ୱାସ୍ଥ୍ୟ ପରିବେଶରେ ରହିଥିବା ନେଇ ଗତ ୧୬ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଏହି ଚିକିତ୍ସାଳୟ ଚାରିପାର୍ଶ୍ୱରେ ଥିବା ମଦ ବୋତଲ ସହ ଅଳିଆ ଆବର୍ଜନାକୁ ସଫା କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୋରାପୁଟ ମ୍ୟୁନିସିପାଲିଟି ପକ୍ଷରୁ ଏହି ସଫେଇ କାର୍ଯ୍ୟ କରାଯାଇଛି। ଆସନ୍ତା ଦିନରେ ଏହି ଚିକିତ୍ସାଳୟର ଚାରିପ୍ରାର୍ଶ୍ୱ ଭାଙ୍ଗି ଯାଇଥିବା ପାଚେରୀ ମରାମତି କରାଯିବ ବୋଲି କୋରାପୁଟ ଅତିରିକ୍ତ ଜିଲାପାଳ ତପନ କୁମାର ନାୟକ ପ୍ରକାଶ କରିଛନ୍ତି। ସୂଚନା ଥାଉକି ଯେ ୧୯୬୮ ମସିହାରେ କୋରାପୁଟ ଜିଲାର ପ୍ରଥମ ଆୟୁର୍ବେଦିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା। ତାହା ଅସୁରକ୍ଷିତ ପରିବେଶ ମଧ୍ୟରେ ଥିଲା। ଯାହାଦ୍ୱାରା ରୋଗୀ ଏଠାକୁ ଆସିବାକୁ ଅନିଚ୍ଛା ପ୍ରକାଶ କରୁଥିଲେ।

# କୋରାପୁଟରେ କୁଆପଥର ବର୍ଷା: ଅନ୍ଧାରରେ ସହର

କୋରାପୁଟ, ୧୮ ।୩ (ଅମିତାଭ ବେହେରା)

କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରେ ବୁଧବାର ସନ୍ଧ୍ୟାରୁ ହଠାତ୍ କୁଆପଥର ସହ ପ୍ରବଳ ବର୍ଷା ହୋଇଥିଲା। ଏହା ଫଳରେ ସାଧାରଣ ଜୀବନଯାପନ ଅସ୍ତବ୍ୟସ୍ତ ହୋଇଥିବାବେଳେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ସନ୍ଧ୍ୟା ୭ଟାରୁ ହଠାତ ଘନ ମେଘ ଛାଇଯାଇ ଜୋର ବର୍ଷା ସହ କୁଆପଥର ପଡ଼ିଥିଲା। ଏହାଯୋଗୁ ରାସ୍ତା ଘାଟ ଶୂନଶାନ ହୋଇଯାଇଥିଲା। ଗୁରୁବାର କ୍ଷୟକ୍ଷତି ସମ୍ପର୍କରେ ଜଣାପଡିବ ବୋଲି ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ପାଣିପାଗ ବିଭାଗ ପକ୍ଷରୁ କୋରାପୁଟ ଜିଲାରେ ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ସତର୍କ କରାଯାଇଥିଲା। ଆଗାମୀ କିଛି ଦିନ ଏପରି ପାଗ ରହିବ ବୋଲି ସତର୍କ କରାଯାଇଛି।

# ୧୫ ବର୍ଷ ହେଲା ୨ ଠିକାଦାରଙ୍କୁ ସହର ସଫେଇ ଦାୟିତ୍ୱ

ସୁନାବେଡ଼ା/ସେମିଳିଗୁଡ଼ା, ୧୮ ।୩
(କୃତିବାସ ପ୍ରଧାନ/ବାସୁଦେବ ବରାଡ଼)

**ସଫେଇ ଟେଣ୍ଡରରେ ଅନିୟମିତତା ଅଭିଯୋଗ**

■ଟେଣ୍ଡରରେ ବ୍ୟତିକ୍ରମ ନଜରକୁ ଆସି ନ ଥିବା କହିଲେ ଡୁଡା ଅଧିକାରୀ

କୋରାପୁଟ ଜିଲା ସୁନାବେଡ଼ା ପୌର ପରିଷଦରେ ସହର ସଫେଇରେ ଅନିୟମିତତା ହେଉଥିବା ନେଇ ପତ୍ର ମାଧ୍ୟମରେ ନାରାୟଣପାଟଣାର ଜିତୁ ଫୁଲବଂଶ ଅଭିଯୋଗ କରିଛନ୍ତି। ଉକ୍ତ ପତ୍ରକୁ ଡାକ ମାଧ୍ୟମରେ କୋରାପୁଟ ଜିଲାପାଳ, ଉପଜିଲାପାଳ, ଡୁଡା ଓ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ପଠାଇଥିବା ଜଣାପଡିଛି।

ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି ଯେ, ଦୀର୍ଘ ୧୫ ବର୍ଷ ଧରି ୨ଜଣ ଠିକାଦାରଙ୍କୁ ପୌରାଞ୍ଚଳର ସଫେଇ ଦାୟିତ୍ୱ ଦିଆଯାଉଛି। କେତେଜଣ ନ୍ୟସ୍ତ ସ୍ୱାର୍ଥ କର୍ମଚାରୀ ଓ ଅଧିକାରୀ ଉଭୟ ଠିକାଦାରଙ୍କ ହାତବାରିସି ସାଜିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଟେଣ୍ଡର ପ୍ରକ୍ରିୟାର ସରକାରୀ ନିୟମକୁ ଉଲ୍ଲଙ୍ଘନ କରି ଠିକାଦାରଙ୍କୁ ସୁହାଇଲା ଭଳି ଟେଣ୍ଡର କରାଯାଉଥିବା ଜିତୁ ଅଭିଯୋଗ ଆଣିଛନ୍ତି। ଫଳରେ ଅନ୍ୟ ଠିକାଦାର ଟେଣ୍ଡର ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡ଼ା ସହରରେ ସଫେଇ ଠିକ୍ ଭାବରେ ହେଉନାହିଁ କି ମଶା ଔଷଧ ଭଲଭାବେ ପକାଯାଉ ନାହିଁ। ଏହାଦ୍ୱାରା ଡେଙ୍ଗୁ ଓ ମେଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିତୁ ଏବେ ସେମିଳିଗୁଡ଼ାରେ ରହୁଛନ୍ତି। ୨୦୨୫ରେ ସେ ରହୁଥିବା ଅଞ୍ଚଳରେ ୨୫ ଜଣ ଓ ନିଜ ପରିବାରର ୩ ଜଣଙ୍କ ଡେଙ୍ଗୁରେ ମୃତ୍ୟୁ ହୋଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପରିମଳ ସମ୍ପର୍କରେ ପୌର କାର୍ଯ୍ୟାଳୟରେ ଅଭିଯୋଗ କଲେ ସମ୍ପୃକ୍ତ ଠିକାଦାର ଧମକଚମକ ଦେଉଛନ୍ତି। ତେଣୁ ସମସ୍ତ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଜିତୁଙ୍କ ଅଭିଯୋଗ ସମ୍ପର୍କରେ ଜାଣିବାକୁ ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ଟେଲିଫୋନ କରାଯାଇଥିଲେ ମଧ୍ୟ ସେ ତାହା ରିସିଭ ନ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷରେ ଜିଲା ଡୁଡା ଅଧିକାରୀ ତପନ କୁମାର ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଟେଣ୍ଡର ପ୍ରକ୍ରିୟାରେ ସେମିତି କିଛି ବ୍ୟତିକ୍ରମ ନଜରକୁ ଆସି ନ ଥିବା କହିଛନ୍ତି। ଏଥିସହ ଏପରି କିଛି ଅଭିଯୋଗର ପତ୍ର ଏବେ ଯାଏ ତାଙ୍କ ନିକଟକୁ ଆସି ନ ଥିବା କହିଛନ୍ତି। ତଥାପି ଯଦି ସେପରି ଅଭିଯୋଗ କିଛି ତାହାର ତଦନ୍ତ କରାଯିବ ବୋଲି ମତ ଦେଇଛନ୍ତି।



Copy to Collector, Koraput, Sub Collector Koraput for thier Information and necessary action.

ଜିତୁ ଫୁଲ୍‌ବଂଶ ଦେଇଥିବା ଅଭିଯୋଗ ପତ୍ର।

# କେକେ ରେଳପଥର ସାଉନି ପୂଜାରୀପୁଟରେ ପୁଶିଂ ବ୍ରିଜ୍ ଦାବି

ନନ୍ଦପୁର, ୧୮ ।୩ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ଦେଇ ଯାଇଥିବା କେକେ ରେଳପଥର ସାଉନି ପୂଜାରିପୁଟ ଗ୍ରାମ ନିକଟ ପୋଲ ନଂ. ୧୫୬/୦୬ ଓ ୧୫୬/୦୮ ନିକଟରେ ଏକ ପୁଶିଂ ବ୍ରିଜ୍ ଓ ରେଳପଥ ବ୍ରିଜ୍ ନଂ. ୪୮୭ ତଳେ ଏକ କଲଭର୍ଟ ନିର୍ମାଣ ନେଇ ଦାବି ହୋଇଛି। ବୁଧବାର ନନ୍ଦପୁର ବ୍ଲକ ମାଳିବେଲଗାଁ ସରପଞ୍ଚ ପ୍ରହ୍ଲାଦ ମୁଦୁଲି, ସମିତି ସଭ୍ୟ ମଙ୍ଗୁଲୁ ଖରା, ସମସ୍ତ ୱାର୍ଡସଭ୍ୟ ଓ ବୁଦ୍ଧିଜୀବୀ ରେଳ ବିଭାଗ ଏଡିଇଏନ୍ ରାଜେନ୍ଦ୍ର ପ୍ରସାଦ ପ୍ରଦାନ ଓ କୋରାପୁଟ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ମାଳିବେଲଗାଁ ପଞ୍ଚାୟତକୁ କେକେ ରେଳପଥ ଓ ମାଛକୁଣ୍ଡ ରୋଡ ରେଳ ଷ୍ଟେଶନ ଦୁଇ ଭାଗରେ ବିଭକ୍ତ କରୁଛି। ରେଳପଥ ଓ ଷ୍ଟେଶନର ଗୋଟିଏ ପାର୍ଶ୍ୱରେ ସାଉନି ପୂଜାରିପୁଟ, ମାଳି ବେଲଗାଁ, ପରଜା ବେଲଗାଁ, ଖତପୁଟ, ଖୁଜେଲ, ତଳ ଗେରୁପୁଟ ଓ କଦମଗୁଡ଼ା ଗାଁ ରହିଛି। ଅନ୍ୟପଟେ ପାଣ୍ଡାପୁଟ, ଛେଲିଆମୁଣ୍ଡା, ବିଲାଇପୁଟ, ସିଡ଼ାପୁଟ, ବଡଟାଙ୍ଗୁଆ, ବଦଲିପଣ୍ଡି, ଗୁଲପଣ୍ଡି ଓ ଖତଗୌଡ଼ପୁଟ ଗ୍ରାମ ରହିଛି। ରେଳଧାରଣା ପାର ହେବାକୁ ବ୍ୟବସ୍ଥା ନ ଥିବାରୁ ଅପରପାର୍ଶ୍ୱରେ ଥିବା ୮ ଗ୍ରାମକୁ ଯାତାୟାତ, ପାନୀୟ ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ହିତକର ଯୋଜନା ପହଞ୍ଚି ପାରୁନାହିଁ। ତେଣୁ ରେଳପଥର ପୋଲ ନ ୧୫୬/୦୬ ଓ ୧୫୬/୦୮ ନିକଟରେ ଏକ ପୁଶିଂ ବ୍ରିଜ୍ ଏବଂ ବ୍ରିଜ୍ ନମ୍ବର୍ ୪୮୭ ର ତଳଭାଗରେ ଏକ କଲଭର୍ଟ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଉକ୍ତ ସ୍ଥାନରେ ପୁସିଂ ବ୍ରିଜ ଓ କଲଭର୍ଟ ନିମନ୍ତେ ୱାଲ୍‌ଟିଅର ଡିଭିଜନ ଡିଆରଏମ୍‌ଙ୍କ ନିକଟକୁ ପ୍ରେରଣ କରାଯିବ। ଆଲୋଚନା କରି ଅତିଶୀଘ୍ର ଦୁଇ ପ୍ରକଳ୍ପ ନିର୍ମାଣ ବ୍ୟବସ୍ଥା କରାଇବ ବୋଲି ଏଡିଇଏନ ପ୍ରଦାନ ସୂଚନା ଦେଇଛନ୍ତି।





ଦାବି ଜଣାଇବାକୁ ଆସିଥିବା ପଞ୍ଚାୟତବାସୀ।

